## ଉଜାଡ଼ିଲେ ପରିବା ଫସଲ

ବାରିପଦା ଅଫିସ: ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ କ୍ଷୀରିପଦା ଜଙ୍ଗଲରେ ଅଟକି ରହିଥିବା ହାତୀପଲ ବୁଢ଼ାବଳଙ୍ଗ ନଦୀ ପାଳଜମିରେ ହୋଇଥିବା ପନିପରିବା ଖାଇବା ସହିତ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ବେଳେ ବନବିଭାଗର କର୍ମଚାରୀମାନେ କେବଳ ହାତୀର ଗତିବିଧି ଉପରେ ନଜର ରଖୁଛନ୍ତି। ପଶ୍ଚିମବଙ୍ଗ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରୁଥିବା ୩୫ଟିକିଆ ଝାଡଖଣ୍ଡି ହାତୀପଲ ବେତନଟୀ ରେଞ୍ଜରେ ଅଟକି ରହିଛନ୍ତି।

## ସଂକ୍ଷେପରେ

### ଏକାବେଳେ ୩ ସ୍ଥାନରୁ ଚୋରି

**ସୋର, ୧୩।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ବ୍ଲକ ଦହିସଡ଼ା ପଞ୍ଚାୟତ, ହାଇସ୍କୁଲ ଏବଂ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରୁ ଶନିବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବିଳମ୍ବିତ ରାତିରେ ଏହି ପରିସରରେ ଚୋରମାନେ ପଶି ହାଇସ୍କୁଲର ଚାବିକୁ ଗ୍ୟାସ କଟରରେ କାଟିବା ସହିତ ଗୋଟିଏ ସମରସେଲେ। ମୋଟର, ଷ୍ଟାଟର, ଇନ୍‌ଭଟର, ବ୍ୟାଟେରି, ଗୋଟିଏ ହାଲୋଜିନ୍ ଲାଇଟ୍ ସେଟ୍, ୧୨ଯୋଡ଼ା କାଠବେଞ୍ଚ, ଡେସ୍କ, ୮ଟି ଚେୟାର, ୩ଟି ଟେବୁଲ ଚୋରି ହୋଇଥିବା ବେଳେ ପଞ୍ଚାୟତ ଅଫିସରେ ଥିବା କମ୍ପ୍ୟୁଟରକୁ ଭାଙ୍ଗିବା ସହିତ ଆଲମିରା ଖୋଲି ଜରୁରୀ କାଗଜପତ୍ର ନେଇଯାଇଛନ୍ତି। ସେହିପରି ରାଜୀବ ସେବାକେନ୍ଦ୍ରରେ ଚାବି ଭାଙ୍ଗି ଭିତରେ ଥିବା ଷ୍ଟାଟର, ବାହାରେ ବସିଥିବା ସମରସେଲେ। ମୋଟରକୁ ବାହାର କରି ନେଇଯାଇଥିବା ସୋର ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ୯ ଜୁଆଡ଼ି ଗିରଫ

ରାଇରଙ୍ଗପୁର, ୧୩।୧୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ତିରିଙ୍ଗ ଥାନା ଅନ୍ତର୍ଗତ ଜାରିତାଣ୍ଡି ଗ୍ରାମ ନିକଟସ୍ଥ ଖେଳପଡ଼ିଆଠାରେ ରବିବାର ଜୁଆ ଖେଳ ହେଉଥିଲା। ଖବରପାଇ ପୋଲିସ ଅପରାହ୍ନରେ ଚଢ଼ାଉ କରି ତିରିଙ୍ଗ ଥାନା ଅଞ୍ଚଳ ସମେତ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟ ଅଞ୍ଚଳର ୯ ଜୁଆଡିଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ପୋଲିସ ୪ଟି ମୋବାଇଲ, ୨୭ ହଜାରଟଙ୍କା ସହ ଜୁଆ ଖେଳ ସାମଗ୍ରୀ ଜବତ କରିଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଘରେ ପଶିଲା ଟ୍ରକ୍, ୩ ଗୁରୁତର

**କେନ୍ଦୁଝର, ୧୩।୧୨(ଡି.ଏନ.ଏ./ସ୍ୱ.ପ୍ର.):** ରାସ୍ତା କଡରେ ଥିବା ଘର ଭିତରକୁ ଏକ ଟ୍ରକ୍ ପଶିଯିବାରୁ ଘରେ ଶୋଇଥିବା ୩ ଜଣ ଲୋକ ଗୁରୁତର ଅବସ୍ଥାରେ ୨୦ ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତା ପୁରୁଣାବଜାର ଷଠିଘର ସାହିର ମହେଶ ପାତ୍ର,ତାଙ୍କ ସ୍ତ୍ରୀ ଓ ୭ବର୍ଷର ଝିଅ ଗତ ଶନିବାର ରାତିରେ ଘରେ ଶୋଇଥିବାବେଳେ ଏକ ମହୁଲ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ତାଙ୍କ ଘର ଉପରେ ଓଲଟି ପଡିଥିଲା। ଖବରପାଇ ସ୍ଥାନୀୟ ପୋଲିସ ଓ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚିଥିଲା। ଏହି ଘଟଣାକୁ ନେଇ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା।

### ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ୧୫୦ତମ ଜୟନ୍ତୀ ଲାଗି ବୈଠକ

ବାରିପଦା ଅଫିସ,୧୩।୧୨: ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୦ତମ ଜୟନ୍ତୀ ପାଳନ ନେଇ ଶ୍ରୀରାମଚନ୍ଦ୍ର ପାଠାଗାର ଜୁବୁଲି ଲାଇବ୍ରେରୀଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୟନ୍ତ କୁମାର ପାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପାଠାଗାରର ସାଧାରଣ ସମ୍ପାଦକ ବସନ୍ତ କୁମାର ମହାନ୍ତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କର ଜୟନ୍ତୀ ଆସନ୍ତା ୧୭ ତାରିଖ ସନ୍ଧ୍ୟାରେ ପାଳନ ନେଇ ଆଲୋଚନା ହୋଇଥିଲା। ବୈଠକରେ ବିଜୟ କୁମାର ପଟ୍ଟନାୟକ, ରଞ୍ଜନ ବାନାର୍ଜୀ, ଆଶିଷ କୁମାର ମହାନ୍ତି, ଅମିୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ମହିଳାଙ୍କ ମୃତଦେହ ଜବତ

**ବାସୁଦେବପୁର, ୧୩।୧୨(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ଦେଉଳୀ ଗ୍ରାମରେ ଏକ ଭଡ଼ାଘରୁ ଗୀତାଞ୍ଜଳି ପାଣିଗ୍ରାହୀଙ୍କ ଝୁଲନ୍ତା ମୃତଦେହ ପୋଲିସ ରବିବାର ଜବତ କରିଛି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ.୬୪/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ମୃତା ଗୀତାଞ୍ଜଳିଙ୍କ ବାପଘର ଗ୍ରାମାଞ୍ଚଳ ଥାନା ଅଧୀନ ହରିପୁର ଗ୍ରାମରେ। ରିପୋର୍ଟ ଲେଖା ହେବା ବେଳକୁ ତାଙ୍କ ବାପଘର ପକ୍ଷରୁ ଥାନାରେ କୌଣସି ଲିଖିତ ଅଭିଯୋଗ କରାଯାଇ ନ ଥିବା ସୂଚନା ମିଳିଛି।

# ପୁରାତନ ହୋଇ ବି ଅବହେଳିତ

**ପଦ୍ମପୁର,୧୩।୧୨(ଡି.ଏନ.ଏ.)**


କ୍ଷୀରେଶ୍ୱର ମନ୍ଦିର।


ପୂଜା ପାଉଥିବା ସପ୍ତଠାକୁରାଣୀ।

**କ୍ଷୀରେଶ୍ୱର ମନ୍ଦିର**
- ପୂଜା ପାଉଛି ମୁଗୁନି ପଥରରେ ନିର୍ମିତ ମୂର୍ତ୍ତି
- ରକ୍ଷଣାବେକ୍ଷଣ ଅଭାବରୁ ସୌନ୍ଦର୍ଯ୍ୟ ହରାଉଛି

ଭଦ୍ରକ ଜିଲା ବାସୁଦେବପୁର ବ୍ଲକଠାରୁ ୧୪ କି.ମି. ଦୂରରେ ପଦ୍ମୁଆଁରେ ଅବସ୍ଥିତ ବାବା କ୍ଷୀରେଶ୍ୱରଙ୍କ ମନ୍ଦିର। କାହିଁ କେଉଁ କାଳରୁ ଏହି ମନ୍ଦିର ବିରାଜମାନ। ଏହି ମନ୍ଦିରର ପୌରାଣିକ ଉପଖ୍ୟାନ ମଧ୍ୟ ରହିଛି। ମନ୍ଦିରର ମାହାତ୍ମ୍ୟ ଥାଇ ମଧ୍ୟ ଏହା ଆଜି ଅବହେଳିତ ଅବସ୍ଥାରେ। ମନ୍ଦିରରେ ମହାଦେବଙ୍କ ସହ ସପ୍ତଠାକୁରାଣୀ ସପ୍ତମାତୃକା, ଦୁର୍ଗା, କାଳୀ, ବୈଚଣ୍ଡି, ମଙ୍ଗଳା, ବାସୁଳୀ, ପଶ୍ଚିମାଙ୍କର ମୁଗୁନି ପ୍ରସ୍ତର ନିର୍ମିତ ମୂର୍ତ୍ତି ପୂଜା ପାଉଛି। ପ୍ରତ୍ୟେହ ଏଠାରେ ପାରମ୍ପାରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଉଥିବା ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ପୂଜା କରୁଥିବା ପୂଜକ ଶରତ କୁମାର କର କହିଛନ୍ତି। ପ୍ରତିବର୍ଷ ଜାଗରରେ ଏଠାରେ ହଜାର ହଜାର ଭକ୍ତ ଜଗନ୍ନାଥପୁର ପଦ୍ମୁଆଁ, ଅଦ୍ଧୁଆଁ, ଇରମ, କୁମାରପୁର, ନୂଆଗାଁ ଅଞ୍ଚଳରୁ ଆସି ପୂଜାର୍ଚ୍ଚନା କରିଥାନ୍ତି। ମନ୍ଦିର ପରିସରରେ ଯାତ୍ରୀମାନଙ୍କ ପାଇଁ ପାନୀୟଜଳ, ବିଶ୍ରାମାଗାର କିମ୍ବା ଶୌଚାଳୟ ବ୍ୟବସ୍ଥା ନାହିଁ। ଫଳରେ ଏଠାକୁ ଆସୁଥିବା ଶ୍ରଦ୍ଧାଳୁମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସପ୍ତଦେବୀ ମନ୍ଦିର ନ ଥିବାରୁ ଖୋଲାସ୍ଥାନରେ ପୂଜା ପାଉଛନ୍ତି। ରକ୍ଷଣାବେକ୍ଷଣ ଠିକ୍ ଭାବେ ହୋଇପାରୁ ନ ଥିବା ଯୋଗୁ ପୁରାତନ ମନ୍ଦିରର ସୌନ୍ଦର୍ଯ୍ୟ ହାନି ହେବା ସହ ନଷ୍ଟ ହୋଇଯିବାର ସମ୍ଭାବନା ସୃଷ୍ଟି ହୋଇଛି।

ଭାରତ ସ୍ୱାଧୀନତା ପୂର୍ବରୁ ଜମିଦାରୀ ଶାସନ ଥିବାବେଳେ ଏଠାରେ ପଦ୍ମୁଆଁ କଚେରି ବସୁଥିଲା। ଗ୍ରାମବାସୀଙ୍କର କହିବା ଅନୁଯାୟୀ ପଲେଇସାହିରୁ ପ୍ରତିଦିନ ଗୋଟିଏ କାଳୀ ଗାଈ ନିକଟସ୍ଥ କଚେରି ବାଡ଼ିରେ ଥିବା ଜଙ୍ଗଲକୁ ଚରିବାକୁ ଯାଉଥିଲା। ସେଠାରୁ ଆସିଲା ପରେ ସେ ଗାଈ ଆଉ କ୍ଷୀର ଦେଉ ନ ଥିଲା। ଲୋକଙ୍କର ସନ୍ଦେହ ହେବାରୁ କେତେଜଣ ଗାଈ ପଛେ ପଛେ ଯାଇ ଦେଖିଲେ ଏକ ନିର୍ଦ୍ଦିଷ୍ଟ ଜାଗାରେ ଗାଈ ଛିଡ଼ା ହେବା ପରେ ତା ପହ୍ନାରୁ ଆପେ ଆପେ କ୍ଷୀର ଝରି ଯାଉଛି। ଲୋକେ ଗଛ ବୁଦା ସଫା କରି ସେହି ସ୍ଥାନରେ ଖୋଳିବାରୁ ୪ ଫୁଟ ଗଭୀରରେ ଶିବଲିଙ୍ଗ ଥିବାର ଦେଖିଥିଲେ। ଏହାପରେ ସେମାନେ ସେଠାରେ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ତତ୍କାଳୀନ ଜମିଦାର ନୀଳମାଧବ ପାଢ଼ୀ ଓ ତାଙ୍କର ବଂଶଧରମାନେ ସେଠାରେ ମନ୍ଦିର ତିଆରି କରିଥିଲେ। ପରେ ସ୍ଥାନୀୟ ଲୋକେ କ୍ଷୀରେଶ୍ୱର ମନ୍ଦିର ନାମରେ ନାମିତ କରିଥିଲେ। ତେବେ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ପୂଜା କମିଟିର ସଭାପତି ରମେଶ ଚନ୍ଦ୍ର ମଲ୍ଲିକ ଓ ସମ୍ପାଦକ ରାମଚନ୍ଦ୍ର ନାୟକ ଦାବି କରିଛନ୍ତି। ଏ ସମ୍ପର୍କରେ ପଦ୍ମୁଆଁ ସରପଞ୍ଚ ଦୀନବନ୍ଧୁ ଦାସଙ୍କୁ ପଚାରିବାରୁ ଚଳିତବର୍ଷ ମନ୍ଦିରର ସୌନ୍ଦର୍ଯ୍ୟକରଣ, ପାନୀୟଜଳ, ଶୌଚାଳୟ ଓ ଯାତ୍ରୀ ବିଶ୍ରାମାଗାର ପାଇଁ ନୂତନ ପ୍ରକଳ୍ପ ଦିଆଯାଇ ବିଧାୟକଙ୍କ ଅନୁମୋଦନ ଲାଗି ପଞ୍ଚାୟତ ପକ୍ଷରୁ ପ୍ରସ୍ତାବ ଦିଆଯିବ। ଏଥିସହ ଏଠାରେ ପାର୍କିଂ ବ୍ୟବସ୍ଥା ପାଇଁ ସ୍ଥାନ ନିରୂପଣ କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ନେସ୍କୋ ସମନ୍ୱୟ ସମିତିର ଆନ୍ଦୋଳନକୁ ବିରୋଧ

**ବାଲେଶ୍ୱର ଅଫିସ, ୧୩।୧୨**

ବିଦ୍ୟୁତ୍ ବିତରଣ ସଂସ୍ଥା ନେସ୍କୋ ଅଧୀନରେ ୫ଟି ଜିଲାର କର୍ମଚାରୀମାନଙ୍କୁ ନେଇ ସମନ୍ୱୟ ସମିତି ଏବଂ ଶ୍ରମିକ କର୍ମଚାରୀ ମିଳିତ ମଞ୍ଚ ଦୁଇଟି ପ୍ରମୁଖ ଶ୍ରମିକ ସଂଘ ଗଠିତ ହୋଇଛି। ବିଭିନ୍ନ ଦାବି ନେଇ ନେସ୍କୋ ସମନ୍ୱୟ ସମିତି ପକ୍ଷରୁ ଆସନ୍ତା ୨୨ରେ ରେମୁଣା ଗୋଲେଇସ୍ଥିତ ନେସ୍କୋ ମୁଖ୍ୟ ଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଅସହଯୋଗ ଆନ୍ଦୋଳନ ଡାକରା ଦିଆଯାଇଥିବା ବେଳେ ଏହାକୁ ଶ୍ରମିକ କର୍ମଚାରୀ ମିଳିତ ମଞ୍ଚ ବିରୋଧ କରିଛି। ଏନେଇ ରବିବାର ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ସୂଚନା ଦିଆଯାଇଛି।

ନେସ୍କୋ ଶକ୍ତି କର୍ମଚାରୀ ସଂଘ ସମ୍ପାଦକ ଡା. ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ କହିବାନୁସାରେ ସମନ୍ୱୟ ସମିତି ଅନ୍ୟ ସଂଘର ସଦସ୍ୟମାନଙ୍କୁ ଅବହେଳା କରିଆସୁଛି। ଫଳରେ ଉକ୍ତ ସମିତି ପକ୍ଷରୁ କରାଯାଉଥିବା ଆନ୍ଦୋଳନ ଓ ବିକ୍ଷୋଭକୁ ବିରୋଧ କରାଯିବ। ସେହିପରି ବିଜୁଳି କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ନୃସିଂହ ପଣ୍ଡା କହିଛନ୍ତି ଯେ, ଆବଶ୍ୟକ ପଡ଼ିଲେ ଶ୍ରମିକ କର୍ମଚାରୀ ମିଳିତ ମଞ୍ଚର ସଦସ୍ୟମାନେ ନେସ୍କୋକୁ ସହାୟତା ଯୋଗାଇ ଦେଇ ହିତାଧିକାରୀମାନଙ୍କୁ ବିଦ୍ୟୁତ୍ ସେବା ଯୋଗାଇବାରେ ସାହାଯ୍ୟ କରିବେ। ଦିନକୁ ଦିନ ବିଦ୍ୟୁତ୍ ଗ୍ରାହକମାନଙ୍କ ସଂଖ୍ୟା ବୃଦ୍ଧି ହେବାରୁ ଅଧିକ ଶ୍ରମିକ ନିଯୁକ୍ତି, ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ ନିୟୋଜନ, ଶ୍ରମିକମାନଙ୍କର ନିଯୁକ୍ତି ସମସ୍ୟା ଉପରେ ଗୁରୁତ୍ୱ ଦେବା, ୧୫ବର୍ଷ ଧରି କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବା ଲାଗି କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବା ଭଳି କେତେକ ଯୁକ୍ତିଯୁକ୍ତ ଦାବିକୁ ଉପସ୍ଥାପନା କରିଥିଲେ। ଏହି ଦାବି ସମ୍ପର୍କରେ ଉଚ୍ଚକର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ସମାଧାନ କରାଯାଇପାରିବ ବୋଲି ପ୍ରକାଶ କରିବା ସହ ଆନ୍ଦୋଳନ ଏହାର ବିକଳ୍ପ ପନ୍ଥା ନୁହେଁ ବୋଲି ନିମାଇଁ ଚରଣ ରାଉତରାୟ, କମଳଲୋଚନ ବେହେରା, ଅଶ୍ୱିନୀ କୁମାର ଦାସ, ଶିରିଶ ଦାସ, ଶିବନାରାୟଣ ଗିରି, ମହେଶ୍ୱର ପ୍ରଧାନ, ପ୍ରଣବ ମହାପାତ୍ର, ସୁକାନ୍ତ ପାଢ଼ୀ, ପଞ୍ଚାନନ ପରମାଣିକ ପ୍ରମୁଖ ପ୍ରକାଶ କରିଛନ୍ତି।


ଖବରଦାତା ସମ୍ମିଳନୀରେ ଶ୍ରମିକ କର୍ମଚାରୀ ମିଳିତ ମଞ୍ଚର ସଦସ୍ୟ।

# ଶିଶୁକନ୍ୟା ନିଖୋଜ ଅଭିଯୋଗ

**ବାଲିଆପାଳ,୧୩।୧୨(ସ୍ୱ.ପ୍ର.)**

ପରୀ ନିଖୋଜ ଘଟଣା ବେଶ୍ ଚର୍ଚ୍ଚା ଧରିଥିବା ବେଳେ ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଞ୍ଚଳରେ ପୁଣି ଜଣେ ଶିଶୁକନ୍ୟା ନିଖୋଜ ହୋଇଯାଇଛନ୍ତି। ସେ ତାଙ୍କ ମାମୁ ଘରେ ରହି ପାଠ ପଢୁଥିଲେ। ଗତ ୧୧ତାରିଖ ରାତି ୯ଟା ବେଳେ ସେ ଟ୍ୟୁଶନରୁ ଫେରି ଆଈଙ୍କୁ ଖୋଜିଥିଲେ। ଆଈଙ୍କୁ ନ ପାଇ କିଛି ଦୂରରେ ଥିବା ନିଜ ଘରକୁ ଯାଉଛି କହି ସେ ରାସ୍ତାକୁ ବାହାରି ଆସିଥିଲେ। ସେଦିନ ଦକ୍ଷିଣ ବାଲିଆପାଳ ଅଞ୍ଚଳର ଜମ୍ବୀରାଇ ସହିତ ୬ଟି ପଞ୍ଚାୟତର ଲୋକେ ପେଟ୍ରୋ କେମିକାଲ ପ୍ଲାଣ୍ଟ ସ୍ଥାପନ ବିରୋଧରେ ୨୫କି.ମି. ମାନବଶୃଙ୍ଖଳ କରିଥିଲେ। ସମସ୍ତେ କାମରେ ବ୍ୟସ୍ତ ଥିଲେ। ସନ୍ଧ୍ୟାରେ ଶିଶୁକନ୍ୟାଙ୍କ ସମ୍ପର୍କରେ ତାଙ୍କ ମା’ ପଚାରିବା ପରେ ସେ ନିଖୋଜ ହୋଇଯାଇଥିବା ଜଣାପଡ଼ିଥିଲା। ଶନିବାର ବିଭିନ୍ନ ଗ୍ରାମରେ ଡାଜବାଜି ଯନ୍ତ୍ରରେ ଶିଶୁକନ୍ୟାଙ୍କ ନିଖୋଜ ବିଷୟରେ ୮ରୁ ୧୦ଟି ପଞ୍ଚାୟତରେ ପ୍ରଚାର କରାଯାଇଥିଲେ ମଧ୍ୟ ଆଜି ଯାଏ ତାଙ୍କ ପତ୍ତା ମିଳି ନ ଥିବାରୁ ପରିବାର ତରଫରୁ ବାଲିଆପାଳ ଥାନାରେ ନିଖୋଜ ସମ୍ପର୍କରେ ଅଭିଯୋଗ କରାଯାଇଛି।

# ମୃତକ ପରିବାରକୁ ୪ ଲକ୍ଷ କ୍ଷତିପୂରଣ ପ୍ରଦାନ ଲାଗି ନିର୍ଦ୍ଦେଶ

**ଭଦ୍ରକ ଅଫିସ,୧୩।୧୨**

ବିଦ୍ୟୁତ୍‌ଆଘାତରେ ମୃତ ବ୍ୟକ୍ତିଙ୍କ ପରିବାରକୁ ୪ଲକ୍ଷ କ୍ଷତିପୂରଣ ପ୍ରଦାନ ପାଇଁ ଜାତୀୟ ମାନବାଧିକାର ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ମାନବାଧିକାର ଆୟୋଗ ରାୟ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ, ଭଦ୍ରକ ଜିଲା ସଦର ବ୍ଲକ କଳାହାଣ୍ଡିଆ ଗାଁର ଆନନ୍ଦ ଚନ୍ଦ୍ର ସେଠୀଙ୍କର ୨୦୧୬ ନଭେମ୍ବର ୨୭ରେ ବିଦ୍ୟୁତ୍‌ଆଘାତରେ ମୃତ୍ୟୁ ଘଟିଥିଲା। ସେ ବିଲକୁ ଯାଇଥିବା ବେଳେ ଏକ ଉଠା ଜଳସେଚନ ପଏଣ୍ଟକୁ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ମୃତ୍ୟୁ ହୋଇଥିଲା। ଉକ୍ତ ଲିଫ୍ଟ ପଏଣ୍ଟଟି ସେହି ଗାଁର ଜଣେ ବ୍ୟକ୍ତିଙ୍କର ବୋଲି ଜଣାପଡ଼ିଥିଲା। ଏନେଇ ମୃତକଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଏହି ଘଟଣାକୁ ନେଇ ସୁପ୍ରିମକୋର୍ଟଙ୍କ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ଜାତୀୟ ଓ ରାଜ୍ୟ ମାନବାଧିକାର ଆୟୋଗଙ୍କ ଠାରେ ମାମଲା କରିଥିଲେ। ଜାତୀୟ ମାନବାଧିକାର ଆୟୋଗ ଆବେଦନକାରୀ ତ୍ରିପାଠୀଙ୍କ ମାମଲାକୁ ରାଜ୍ୟ ଆୟୋଗଙ୍କୁ ପ୍ରଦାନ କରି ଏହାର ରାୟ ପ୍ରକାଶ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ସମ୍ବେଦନଶୀଳ ମାମଲା(ନଂ.୨୯୮/୧୬ ଓ ୪୯୭୩/୧୬) ବିଚାର କରି ରାଜ୍ୟ ମାନବାଧିକାର ଆୟୋଗ ଗତ ୧୨ ତାରିଖରେ ରାୟରେ ଭଦ୍ରକ ନେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କୁ ଉକ୍ତ ଘଟଣା ପାଇଁ ଦାୟୀ କରିଛନ୍ତି। ଲିଫ୍ଟ ପଏଣ୍ଟକୁ ଯାଇଥିବା ବିଦ୍ୟୁତ୍ ତାରରେ କୌଣସି ଇନ୍‌ସୁଲେଟେଡ୍ କଭର ଦିଆଯାଇ ନ ଥିବାରୁ ନେସ୍କୋ ନିର୍ବାହୀ ଯନ୍ତ୍ରୀ ମୃତକଙ୍କ ପରିବାରକୁ ଆସନ୍ତା ମାର୍ଚ୍ଚ ୨ ସୁଦ୍ଧା ୪ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ବାସୁଦେବପୁରରେ ନରେନ୍ଦ୍ର ସଭାପତି

**ବାସୁଦେବପୁର/ପଦ୍ମପୁର, ୧୩।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଓକିଲ ସଂଘର ସଭାପତି ଭାବେ ନରେନ୍ଦ୍ର ପ୍ରସାଦ ବାରିକ ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ଭାବେ ମଧୁସୂଦନ ଯେନା, ଉପସଭାପତି ସ୍ମୃତିରଞ୍ଜନ ପଲିତା, ସହସମ୍ପାଦକ ବିଜୟ କୁମାର ରାୟ ଓ କୋଷାଧ୍ୟକ୍ଷ ଭାବେ ସଞ୍ଜୟ କୁମାର ବେହେରାଙ୍କୁ ଚୟନ କରାଯାଇଛି।


ନରେନ୍ଦ୍ର ପ୍ରସାଦ ବାରିକ।

# ସଙ୍ଗଠନ ଦୃଢ଼ କରିବାକୁ ଗୁରୁତ୍ୱ


ବୈଠକରେ ଉପସ୍ଥିତ ବିଧାୟିକାଙ୍କ ସହ ଅନ୍ୟ କର୍ମୀ।

**ଯୋଡା,୧୩।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ବିଜେଡି କାର୍ଯ୍ୟାଳୟରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତଙ୍କ ଅଧକ୍ଷତାରେ ଏକ କର୍ମୀ ବୈଠକ ରବିବାର ହୋଇଥିଲା। ପୂର୍ବତନ ବିଧାୟକ ସନାତନ ମହାକୁଡ, କୁଶ ଆପଟ୍ଟ ଓ ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକଙ୍କର ଦଳ ପ୍ରତି ଥିବା ଆନୁଗତ୍ୟକୁ ନେଇ ଭିନ୍ନ ଚର୍ଚ୍ଚା ହୋଇଥିଲା। ଜିତୁଙ୍କ ସହିତ ବହୁ କର୍ମୀ, ସମର୍ଥକ ଥିଲେ ମଧ୍ୟ ବିଧାୟିକାଙ୍କ ଅନୁଗତଙ୍କୁ ବିଭିନ୍ନ ପଦବୀରେ ରଖିବାରୁ ବିବାଦ ଦେଖାଦେଇଥିଲା। ଦଳର କୌଣସି ସଭା ସମିତିକୁ ବରିଷ୍ଠଙ୍କୁ ଡକା ନ ଯିବା ନେଇ ଅଭିଯୋଗ ରାଜ୍ୟ ନେତୃବର୍ଗଙ୍କଠାରେ ପହଞ୍ଚିଥିଲା। ବିବାଦର ସମାଧାନ ପାଇଁ ବିଧାୟିକା ମହାନ୍ତ, ଜିତୁ ପଟ୍ଟନାୟକ, କୁଶ ଆପଟ୍ଟଙ୍କ ସମେତ ଯୋଡ଼ାର ବରିଷ୍ଠ କର୍ମୀଙ୍କୁ ଡକାଇଥିଲେ। ମାତ୍ର ପଟ୍ଟନାୟକ ଅସୁସ୍ଥ ଥିବାରୁ ଯାଇପାରି ନ ଥିଲେ । ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ, ଦଳ ପ୍ରତି ତାଙ୍କର ସହଯୋଗ ଓ ସମର୍ଥନ ରହିଛି । କୁଶ ଆପଟ୍ଟ କହିଛନ୍ତି, ତାଙ୍କର ସମସ୍ତ ସମର୍ଥକ ଓ ଦଳୀୟ କର୍ମୀମାନଙ୍କୁ ବିଧାୟିକାଙ୍କ ଦ୍ୱାରା ଡକାଯାଇଥିବା ସଭାକୁ ସେ ପଠାଇଛନ୍ତି। କର୍ମୀଙ୍କ ବଳ ବିନା ଦଳ ଦୁର୍ବଳ ହୋଇଯିବ, ଏଣୁ ସମସ୍ତଙ୍କ ସହଯୋଗ କାମନା କରି ଦଳକୁ ଶୃଙ୍ଖଳିତ କରିବାକୁ ବିଧାୟିକା କହିଥିଲେ। ଏଥିରେ ବିଜେଡି ଜିଲା ସଭାପତି ମାଧବ ସର୍ଦ୍ଦାର, ଉପ ସଭାପତି ସଞ୍ଜୀବ୍ ପଲେଇ, ସଂଖ୍ୟା ଲଘୁ ସେଲ୍‌ର ଏମ୍‌ଡି. ନେସାର ହାୟତ୍, ଶିବ ଆପଟ୍ଟ, ଚତୁର୍ଭୁଜ ପଲେଇଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ବିଲେଇପଦାରେ ବିଜେଡି କାର୍ଯ୍ୟାଳୟ ଚମ୍ପୁଆ ବିଧାୟିକାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଏଥିରେ ଯୋଡା ବ୍ଲକ ବିଜେଡି ସଭାପତି ଦିଲୀପ ନାଏକ, ଯୁଧିଷ୍ଠିର ପଲେଇଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

# ରଘୁନାଥ ସଭାପତି, ସସ୍ମିତ ସମ୍ପାଦକ



ବାଲେଶ୍ୱର ବାର୍ ଆସୋସିଏଶନ ସଭାପତି ଓ ସମ୍ପାଦକ।

**ବାଲେଶ୍ୱର ଅଫିସ, ୧୩।୧୨**

ବାଲେଶ୍ୱର ବାର୍ ଆସୋସିଏଶନ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ରଘୁନାଥ ପ୍ରଧାନ ସଭାପତି ଓ ସମ୍ପାଦକ ଭାବେ ସସ୍ମିତ ନନ୍ଦୀ ନିର୍ବାଚିତ ହୋଇଛନ୍ତି। ସୂର୍ଯ୍ୟକାନ୍ତ କର ଓ ବସନ୍ତ ପ୍ରଧାନ ସହସମ୍ପାଦକ, ଶକ୍ତିଧର ସାନ୍ତରା କୋଷାଧ୍ୟକ୍ଷ ଓ ଅନ୍ନପୂର୍ଣ୍ଣା ରାଉତ ସହକୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

# ଚିନ୍ତାମଣି ସଭାପତି, ଉମେଶ ସମ୍ପାଦକ

**ଖଇରା, ୧୩।୧୨(ଡି.ଏନ.ଏ.)**

**ପ୍ରତିଭା ପରିବାର କର୍ମକର୍ତ୍ତା ମନୋନୟନ**

ବାଲେଶ୍ୱର ଜିଲା ଖଇରା ବ୍ଲକରେ ପ୍ରତିଭାମାନଙ୍କୁ ଖୋଜି ଖୋଜି ସମ୍ବର୍ଦ୍ଧନା ପ୍ରଦାନ କରିଆସୁଥିବା ‘ପ୍ରତିଭା ପରିବାର’ର ଏକ ବୈଠକ ରବିବାର ରଘୁନାଥ ପତ୍ରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଖଇରାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଆୟୋଜିତ ବୈଠକରେ ଚିନ୍ତାମଣି ସାହାଣୀ ଅଧ୍ୟକ୍ଷତା କରିଥିଲେ। କୋଭିଡ କଟକଣାକୁ ଦୃଷ୍ଟିରେ ରଖି ବାର୍ଷିକ ଉତ୍ସବ ପାଳନ ଉପରେ ଆଲୋଚନା କରାଯାଇଥିଲା। ପରେ କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ଚିନ୍ତାମଣି ସାହାଣୀଙ୍କୁ ସଭାପତି, ପ୍ରଫେସର ଉମେଶ ଚନ୍ଦ୍ର ନାୟକଙ୍କୁ ସାଧାରଣ ସମ୍ପାଦକ, ସନାତନ ବେହେରାଙ୍କୁ ଉପସଭାପତି, ବୁଦ୍ଧିରାମ ପାଣିଗ୍ରାହୀଙ୍କୁ କୋଷାଧ୍ୟକ୍ଷ, ପ୍ରଶାନ୍ତ କୁମାର ଦାସଙ୍କୁ ଉପକୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା । ଶଶିକାନ୍ତ ଦାସ, ବସନ୍ତ କୁମାର ଦାସ, ବିଭୂତି ଭୂଷଣ ତ୍ରିପାଠୀ, ନିରାନନ୍ଦ ମିଶ୍ରଙ୍କୁ ଯଥାକ୍ରମେ ୪ ଜୋନର ସଂଯୋଜକ, ଦେବେନ୍ଦ୍ର କୁମାର ରାଉତ ଏବଂ ସଞ୍ଜୟ ଭଞ୍ଜରାୟଙ୍କୁ ହିସାବ ସମୀକ୍ଷକ ଭାବେ ଦାୟିତ୍ୱ ଅର୍ପଣ କରାଯାଇଥିଲା। ସେହିଭଳି ମୁକ୍ତିକାନ୍ତ ଶତପଥୀ, ଡ. ଅଜୟ କୁମାର ନାୟକ, ବସନ୍ତ କୁମାର ଖିଲାର, ଡା.ହରେକୃଷ୍ଣ ରାଉତ, ବିମନ କୁମାର ବାରିକ, ବଳରାମ ଲେଙ୍କା, କୈଳାସ ଚନ୍ଦ୍ର ଦାସ, ଉତ୍କଳବନ୍ଧୁ ପଣ୍ଡା, ରମେଶ ସାହୁ, ରୀତାରାଣୀ ଦାସ, ଦୀନବନ୍ଧୁ ଦେଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ପ୍ରାକ୍ତନ ଅଧ୍ୟକ୍ଷ ବସନ୍ତ କୁମାର ଖିଲାର ନିର୍ବାଚନ ପରିଚାଳନା କରିଥିଲେ ।



ନୂତନ ଭାବେ ମନୋନୀତ ହୋଇଥିବା ପ୍ରତିଭା ପରିବାରର କର୍ମକର୍ତ୍ତା ଓ ସଦସ୍ୟ।

# ଗାଁ ମୁହାଁ ଝାଡ଼ଖଣ୍ଡୀ ହାତୀପଲ

**ବିଶୋଇ, ୧୩।୧୨(ଡି.ଏନ.ଏ)**


ହାତୀପଲ ଗାଁ ଆଡ଼କୁ ଯାଉଛନ୍ତି।

- ଭାଙ୍ଗିଲେ ସ୍କୁଲ ଫାଟକ, ଲୋକେ ଆତଙ୍କିତ
- ଘଉଡ଼ାଇବାକୁ ବନ ବିଭାଗ ଗଠନ କଲା ସ୍ୱତନ୍ତ୍ର ଟିମ୍

ମୟୂରଭଞ୍ଜ ଜିଲା ବିଶୋଇ ଅଞ୍ଚଳରେ ଏବେ ହାତୀପଲଙ୍କ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ପୂର୍ବରୁ ହାତୀମାନେ ଚାଷଜମିରେ ପଶି ଧାନ ଖାଉଥିଲେ। ଏବେ ଗାଁଆଡ଼କୁ ମୁହାଁଇବା ଚିନ୍ତାର ବିଷୟ ହୋଇଛି। ଶନିବାର ୫୨ ଝାଡ଼ଖଣ୍ଡୀ ହାତୀ ବିଶୋଇ ଅଞ୍ଚଳରେ ପଶିଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି।

ଏହି ହାତୀପଲ ଶୁକ୍ରବାର ବିଳମ୍ବିତ ରାତିରେ ଶଙ୍ଖାଭଙ୍ଗା ଦେଇ ବିଶୋଇ ବନ୍ୟପ୍ରାଣୀ ଅନ୍ତର୍ଗତ ପ୍ରଥମେ ହାତୀଛାଡ଼ ଜଙ୍ଗଲରେ ପ୍ରବେଶ କରିଥିଲେ। ପରେ ହାତୀପଲ ପୁଣ୍ଡିଦା, ଦୁଧକୁଣ୍ଡି, ମୂଷାମାରି ଗ୍ରାମ ଦେଇ ବିଶୋଇ ବନ୍ୟପ୍ରାଣୀ ରେଞ୍ଜ ଅଧୀନ ଗୁଙ୍ଗୁରୁ ସଂରକ୍ଷଣ ଜଙ୍ଗଲରେ ପହଞ୍ଚିଥିଲେ। ଏହି ରାସ୍ତା ଦେଇ ଗଲା ବେଳେ ସାରସପଦା ଗ୍ରାମର ପୂର୍ଣ୍ଣ ମହାନ୍ତ, ମୂଷାମାରୀର ବାବୁଲି ମହାନ୍ତ, କେଶରଗଡ଼ିଆର ଦଶରଥ ମାର୍ଣ୍ଡି, ପୁଣ୍ଡିଦାର ସନାତନ ସିଂ, ବୁଦ୍ଧିଆ ସିଂ, ବୁଧରାମ ସିଂ, ପ୍ରଦୀପ ସିଂ, କୃଷ୍ଣଚନ୍ଦ୍ର ମହାନ୍ତ, ସିକୁ ସିଂ, ରାଖାଲ ସିଂ, ବୈଦ୍ୟନାଥ ସିଂ, ସୁନ୍ଦର ମୋହନ ହାଁସଦା, ଦୁର୍ଯ୍ୟୋଧନ ମହାନ୍ତ, ରହିନା ମହାନ୍ତ, ରଘୁନାଥ ସିଂ, ଦୁଦୁ ପାତ୍ର ପ୍ରମୁଖଙ୍କ ଚାଷଜମି ନଷ୍ଟ କରି ପକାଇଛନ୍ତି। ତେବେ ଗୁଙ୍ଗୁରୁ ସଂରକ୍ଷିତ ଜଙ୍ଗଲରୁ ୫୨ ହାତୀ ମଧ୍ୟରୁ ରାତିରେ ୩୨ ହାତୀ ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପଛପଟେ ଥିବା ଜାହିରାସାହି ଗ୍ରାମ ନିକଟକୁ ପଳାଇ ଆସିଥିଲେ। ଭୟରେ ଲୋକେ ଟର୍ଚ୍ଚ ଲାଇଟ ଦେଖାଇ ଘଉଡ଼ାଇବା ପରେ ହାତୀପଲ ବିଶୋଇ ସ୍ଥିତ ୧ ନଂ. ୱାର୍ଡ ସାହିରେ ପଶି ନଡ଼ିଆ ଓ କଦଳୀ ଗଛ ଖାଇ ନଷ୍ଟ କରି ଦେଇଛନ୍ତି।

ପରେ ହାତୀପଲ ବିଶୋଇ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ଦେଇ ଧାନା ଗ୍ରାମ ଓ ପରେ ୪୯ ନଂ. ଜାତୀୟ ରାଜପଥ ପାରି ହୋଇ ଭୋରରେ କୁଦରସାହି ଗ୍ରାମକୁ ପ୍ରବେଶ କରିଥିଲେ। କୁଦରସାହି ପ୍ରାଥମିକ ବିଦ୍ୟାଳୟର ମୁଖ୍ୟ ଫାଟକକୁ ଭାଙ୍ଗିବା ସହିତ କୁଦରସାହି ଗ୍ରାମର ସଦାନନ୍ଦ ସିଂ ଙ୍କ କଦଳୀ ବାଗାନ ମଧ୍ୟରେ ପଶି ଗଛ ନଷ୍ଟ କରିଛନ୍ତି। ତେବେ ଭୋରରେ ଉଭୟ ବନ ବିଭାଗ ଓ ଗ୍ରାମବାସୀ ଘଉଡ଼ାଇବା ପରେ ହାତୀପଲ ଜୁଡ଼ିଆ ଗ୍ରାମ ଦେଇ ଗୁଙ୍ଗୁରୁ ସଂରକ୍ଷିତ ଜଙ୍ଗଲରେ ପହଞ୍ଚିଥିବା ଜଣାପଡ଼ିଛି। ଗୋଟିଏ ଦନ୍ତା ହାତୀ ହେସେଂଲବେଡା ଜଙ୍ଗଲରେ ଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ହାତୀ ଉପଦ୍ରବକୁ ନେଇ ବିଶୋଇ ଅଞ୍ଚଳ ଲୋକେ ଭୟଭୀତ ଅଛନ୍ତି। ରାଇରଙ୍ଗପୁର ବନ ଉପଖଣ୍ଡର ଏସିଏଫ୍ ବୈଦ୍ୟନାଥ ମାଝୀ ଓ ନବୀନ ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ବଦାମପାହାଡ଼ ରେଞ୍ଜର ରମାକାନ୍ତ ମାଝି, ରାଇରଙ୍ଗପୁର ରେଞ୍ଜର ଅନ୍ତର୍ଯ୍ୟାମୀ ମହାକୁଡ଼, ମଣଦା ରେଞ୍ଜର ବନବିହାରୀ ସର୍ଦ୍ଦାର ଓ ବିଶୋଇ ରେଞ୍ଜର ପ୍ରଦୀପ୍ତ କୁମାର ପୃଷ୍ଟିଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ହାତୀପଲଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିବା ସୂଚନା ଦିଆଯାଇଛି।

